## ବୋତଲ କଟକଣାରେ ହନ୍ତସନ୍ତ

# ପାଣି ପମ୍ପ ଧରି ପେଟ୍ରୋଲ ନେଉଛନ୍ତି ଚାଷୀ

ଝାରବନ୍ଧ,୧୮।୮ (ସମିସ)

ବୋତଲରେ ପେଟ୍ରୋଲ ଆଣି ଆତ୍ମହତ୍ୟା ଘଟଣାରେ ସାରା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିବା ପରେ ସରକାର ବୋତଲରେ ପେଟ୍ରୋଲ, ଡିଜେଲ ନଦେବା ପାଇଁ ନିର୍ଦ୍ଦେଶ ଜାରି କରିଛନ୍ତି। ଏହିଭଳି ପରିସ୍ଥିତିରେ ଚାଷ ପାଇଁ ବ୍ୟବହାର ହେଉଥିବା ଡିଜେଲ, ପେଟ୍ରୋଲ ପମ୍ପ ଚଳାଇବା ପାଇଁ ଚାଷୀ ବହୁତ ହଇରାଣ ହେଉଥିବା ଦେଖା ଯାଇଛି। ଝାରବନ୍ଧ ବ୍ଲକ୍‌ରେ ବର୍ଷାର ପରିମାଣ କମ ହେଉଥିବାରୁ ଚାଷୀ ନିଜର ଚାଷ କାମ ପାଇଁ ବୋରୱେଲ, ଡିଜେଲ ପମ୍ପ ସହାୟତାରେ ଧାନ କ୍ଷେତକୁ ପାଣି ମଡ଼ାଇଥାନ୍ତି। ଏଥିପାଇଁ ପମ୍ପରେ ପେଟ୍ରୋଲ ବା ଡିଜେଲ ଆବଶ୍ୟକ ହୋଇଥାଏ। ତେବେ ସେଥିପାଇଁ ଡିଜେଲ ଆଣିବାକୁ ଯାଇ ଚାଷୀଙ୍କୁ ନିରାଶରେ ଫେରିବାକୁ ପଡୁଛି। ପେଟ୍ରୋଲ, ଡିଜେଲ ପାଇଁ ସେମାନଙ୍କୁ ବହୁ କଷ୍ଟ ସ୍ୱୀକାର କରିବାକୁ ପଡୁଛି। କମ ପରିମାଣର ପେଟ୍ରୋଲ, ଡିଜେଲ ଆବଶ୍ୟକ ଥିଲେ ହେଁ ଚାଷୀଙ୍କୁ ପାଣି



ପମ୍ପକୁ ପେଟ୍ରୋଲ ଟାଙ୍କିକୁ ଧରି ଆସିବାକୁ ପଡୁଛି। ସରକାରଙ୍କ ବୋତଲରେ ପେଟ୍ରୋଲ ନ ଦେବା ନିୟମ ଯୋଗୁଁ ସେମାନେ ଅନୋନ୍ୟପାୟ; ନଚେତ ପେଟ୍ରୋଲ ଟାଙ୍କିରେ ତେଲ ମିଳିବ ନାହିଁ। ଆଜି ନଳିପାଣି ଗାଁର ଚାଷୀ କ୍ଷମାନିଧି ସାହୁ ପାଣି ପମ୍ପ ନେଇ ପେଟ୍ରୋଲ ଟାଙ୍କିକୁ ନେଇ ଆସି ତେଲ ନେଇଥିଲେ। ଚାଷ ସମୟରେ ତେଲ ପାଇଁ ଚାଷୀଙ୍କୁ ବହୁତ ହଇରାଣ ହେବାକୁ ପଡୁଥିବାର କହିଥିଲେ। ଏଦିଗରେ ସରକାର ଦୃଷ୍ଟି ଦେବାକୁ ଦାବି କରିଛନ୍ତି।

## ନାବାଳିକା ପୋଡ଼ି; ପେଟ୍ରୋଲ ଦୋକାନୀ ଗିରଫ

ବରଗଡ଼,୧୮।୮(ସମିସ): ବହୁ ଚର୍ଚ୍ଚିତ ଗାଇସିଲେଟ ବ୍ଲକ୍ ଫିରିଙ୍ଗିମାଲ ଗ୍ରାମ ନାବାଳିକା ପେଟ୍ରୋଲ ପୋଡି ଘଟଣାର ନୂଆଁ ମୋଡ଼ ହୋଇଛି। ଘର ପାଖରେ ଥିବା ପେଟ୍ରୋଲ ଦୋକାନୀ ପ୍ରେମାନନ୍ଦ ଡନସନାକୁ ପୋଲିସ ଗିରଫ କରିଥିବା ପ୍ରାଥମିକ ସୂଚନା ରହିଛି। ତେବେ ପୂର୍ବରୁ ଏହି ଘଟଣାକୁ ନେଇ ଗିରଫ ଦୋକାନୀକୁ ପୋଲିସ ପଚାରଉଚରା ଜାରି ରଖିଥିଲା।

## ମାର୍କେଟ ୟାର୍ଡ ବିରୋଧରେ ଚାଷୀ ଡିଆର୍‌ଙ୍କ ଦ୍ୱାରସ୍ଥ

ବରଗଡ଼,୧୮।୮(ସମିସ): ସର୍‌ସରା ସେବା ସମବାୟ ସମିତି ଅଧୀନ ବେହେରା ମାର୍କେଟ ୟାର୍ଡରେ କର୍ମଚାରୀ ମାନେ ଠିକ୍ ସମୟରେ ଆସୁ ନାହାନ୍ତି। ଏହାସହ ଚାଷୀଙ୍କୁ ଖରାପ ବ୍ୟବହାର କରୁଥିବା ଉଲ୍ଲେଖ କରି ଚାଷୀ ସାନନ୍ଦ ଦାଶ, ନରେନ୍ଦ୍ର ବିଶ୍ୱାଳ, ଖଗେଶ୍ୱର ପ୍ରଧାନ, ବିନୋଦ ପ୍ରଧାନ, ପ୍ରଦୀପ ସାହୁ, ଆନନ୍ଦ ପ୍ରଧାନ, ଉତ୍କଳ ସୁନା ସମାରୁ ସାହୁ, ଦେବାର ସାହୁ, ରାଧାକାନ୍ତ ସାହୁଙ୍କ ସମେତ ଆହୁରି ଅନେକ ଚାଷୀ ଏକ ଅଭିଯୋଗ ପତ୍ର ବରଗଡ଼ ଡିଆର୍‌ଙ୍କୁ ପ୍ରଦାନ କରିଛନ୍ତି। ପୂର୍ବରୁ ସ୍ଥାନୀୟ ବିଧାୟକଙ୍କୁ ଏ ବିଷୟରେ ଅବଗତ କରାଇଥିବା ଚାଷୀ ମାନେ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି।

## ଝାରବନ୍ଧ ରାଜସ୍ୱ କର୍ମଚାରୀଙ୍କ ଜିଲ୍ଲାପାଳଙ୍କୁ ଦାବିପତ୍ର

ଝାରବନ୍ଧ,୧୮।୮(ସମିସ): ଅତ୍ୟଧିକ କାର୍ଯ୍ୟ ଦାୟିତ୍ୱ, ଅଣରାଜସ୍ୱ ଦାୟିତ୍ୱ ଏବଂ ସରକାରଙ୍କ ପକ୍ଷରୁ ଅନ୍ୟାନ୍ୟ ଗୁରୁତର ଅଭିଯୋଗର ନିରନ୍ତର ଉପେକ୍ଷାକୁ ବିରୋଧ କରି ରାଜ୍ୟର ସମସ୍ତ ଜିଲ୍ଲାରେ ରାଜସ୍ୱ କ୍ଷେତ୍ର କର୍ମଚାରୀମାନେ ୧୮ ଅଗଷ୍ଟରୁ ଦୁଇ ଖାନା ରେକର୍ଡ ସଂଶୋଧନ (ସିସି) ଏବଂ ସମସ୍ତ ଅଣରାଜସ୍ୱ କାର୍ଯ୍ୟ ବନ୍ଦ କରିବାକୁ ଘୋଷଣା କରିଛନ୍ତି। ଏହି ଘୋଷଣା ରାଜ୍ୟ ରାଜସ୍ୱ କ୍ଷେତ୍ରୀୟ ଅଧିକାରୀ ସଂଘର ନିର୍ଦ୍ଦେଶନାମା ଅନୁଯାୟୀ କରାଯାଇଥିବା ସୂଚନା ରହିଛି। ଏହି ପରିପ୍ରେକ୍ଷୀରେ ଝାରବନ୍ଧ ତହସିଲ ଅଧୀନ ସମସ୍ତ ରାଜସ୍ୱ କର୍ମଚାରୀ ତଥା ସଂଘର କର୍ମକର୍ତ୍ତା ଝାରବନ୍ଧ ତହସିଲଦାର ଅଲେଖ ଘୁଟାଙ୍କ ଜରିଆରେ ବରଗଡ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ର ପ୍ରଦାନ ସମୟରେ ରାଜସ୍ୱ ପରିଦର୍ଶକ ନବୀନ ରାଉତ, ଝାରବନ୍ଧ ରାଜସ୍ୱ ନିରୀକ୍ଷକ ଧନଞ୍ଜୟ ଭୁଏ, ଲୌଡିଦର୍ହା ନିରୀକ୍ଷକ ଅଶ୍ୱିନୀ ଭରା ସାଗର, ଡଭା ନିରୀକ୍ଷକ ସତ୍ୟପ୍ରକାଶ ଭୁଏ, ଅତିରିକ୍ତ ରାଜସ୍ୱ ନିରୀକ୍ଷକ ବସନ୍ତ ପରିଡା, ଭରତ ଚନ୍ଦ୍ର ଭୋଇ ପ୍ରମୁଖ ସାମିଲ ଥିଲେ।

## ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି

ବରଗଡ଼,୧୮।୮(ସମିସ): ଅତାବିରା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଶ୍ରୀ ଗୋୟଲଙ୍କ ବ୍ୟତୀତ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଲଲାଟ ଲୁହା, ବରଗଡ଼ ଉପଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ.କୁବେର ମହନ୍ତ, ଆଞ୍ଚଳିକ ପରିବହନ ଅଧିକାରୀ ସାବୁଆ ମାଝୀ, ଅବକାରୀ ଅଧିକ୍ଷକ ସୁବର୍ଣ୍ଣ ନାୟକ, ଡେପୁଟି କଲେକ୍ଟର ସୁମତି ପଣ୍ଡା, ଅତାବିରା ବିଡିଓ ତଥା ତହସିଲଦାରଙ୍କ ସମେତ ବହୁ ବିଶିଷ୍ଟ ଅଧିକାରୀ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଶିବିରରେ ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ, ରାସନ କାର୍ଡ, ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଅଧାରିତ ସମୁଦାୟ ୫୩ଟି ଅଭିଯୋଗର ଶୁଣାଣି କରି ସମସ୍ତ ସମସ୍ୟା ଗୁଡିକର ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ମହାଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି

ବିଜେପୁର,୧୮।୮(ସମିସ): ସାର୍ବଜନୀନ ମହାଲକ୍ଷ୍ମୀ ପୂଜା ମହୋତ୍ସବ କମିଟି ପଡ଼ା ତରଫରୁ ଆସନ୍ତା ମହାଲକ୍ଷ୍ମୀ ପୂଜା ମହୋତ୍ସବ ପାଇଁ ଶୁକ୍ରବାର ଧର୍ମରାଜ ମେହେରଙ୍କ ସଭାପତିତ୍ୱରେ ଲକ୍ଷ୍ମୀ ମଣ୍ଡପରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ପାଇଁ ସଭାପତି ଭାବେ ଉମେଶ ମେହେର, ଉପସଭାପତି ଗୋପବନ୍ଧୁ ମେହେର, ସମ୍ପାଦକ ବିସିକେଶନ ମେହେର, ସହ ସମ୍ପାଦକ ଆନନ୍ଦ ବାରିକ, କୋଷାଧକ୍ଷ ଶାନ୍ତନୁ ମିଶ୍ର ଓ ସହ କୋଷାଧକ୍ଷ ଭାବେ ଅନନ୍ତ ପଧାନ ମନୋନୀତ ହୋଇଛନ୍ତି। ପୂଜାରେ ହେବାକୁ ଥିବା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା ସାଗର ମନ୍ଥନ, ଲୋକ ମହୋତ୍ସବ, ଲକ୍ଷ୍ମୀ ଲୀଳା ଓ ବିଭିନ୍ନ କାର୍ଯ୍ୟକ୍ରମ କେମିତି ଶାନ୍ତି ଶୃଙ୍ଖଳା ସହ ହୋଇପାରିବ ସେ ଉପରେ ଆଲୋଚନା କରାଯାଇଥିଲା। ସଭାରେ ଅନୁଷ୍ଠାନର ସଭ୍ୟ ମୋହନ ସିଂ କହ୍ନେଇ, ହେମନ୍ତ ମେହେର, ନେତ୍ରାନନ୍ଦ ମେହେର, ବାଳକୃଷ୍ଣ ପଧାନ, ସୁମନ୍ତ ପଧାନ, ପ୍ରଫୁଲ୍ଲ ବଢ଼େଇ, ବୀରକିଶୋର ମେହର, ସନ୍ତୋଷ ମେହେର, ଦେବାଶିଷ ଦାଶ, ସାଗର ବେହେରା, ତେଜରାଜ ମେହେର, ସୁଶାନ୍ତ ମେହେର, ଅଙ୍କିତ ପଧାନ, ନୀଳାମ୍ବର ମେହେର, ବିଜୟ ମେହେର, ମିତ୍ରଭାନୁ ମେହେର, ବବୁଲ ପଧାନ, ସୁଶୀଲ ପଧାନ, ବିକ୍ରମ ପଧାନ, ବିଜୟ ପଧାନ, ପ୍ରଦିପ ମେହେର, ଆନନ୍ଦ ମେହେରଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଶେଷରେ ଅଙ୍କିତ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଡୁମ୍ବେରବାହାଲ ବିଦ୍ୟାଳୟରେ ତିଥି ଭୋଜନ ଓ କୃତ୍ରିମ ହାଟ

ପାଇକମାଲ,୧୮।୮(ସମିସ): ପାଇକମାଳ ବ୍ଲକ୍ ଡୁମ୍ବେରବାହାଲ ଗାଁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସ୍ୱତନ୍ତ୍ର ଅଭିଭାବକ ଶିକ୍ଷକ ବୈଠକ ଅବସରରେ ତିଥି ଭୋଜନ ଓ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା କୃତ୍ରିମ ହାଟ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ହୃଷିକେଶ ବାଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ପିଟିଏ ବୈଠକରେ ପାଇକମାଳ ବିଇଓ ଅଦନ ସୁନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅବସରପ୍ରାପ୍ତ ଏବିଇଓ ଧଳେନ୍ଦ୍ର ବାରିକ, ଗାୟତ୍ରୀ ପରିବାର ଶାନ୍ତିକୁଞ୍ଜ ପ୍ରତିନିଧି ପ୍ରମୋଦ ଭୋଇ, ସିଆର୍‌ସିସି ବସୁଦେବ କୁମ୍ଭାର, ସନ୍ତୋଷ ମେହେର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କ ଶିକ୍ଷାର ଗୁରୁତ୍ୱ ଓ ମାତାପିତାଙ୍କ ଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ରଛାତ୍ରୀଙ୍କ କୃତ୍ରିମ ହାଟରେ ବିଭିନ୍ନ ପନିପରିବା, ଘରେ ତିଆରି ହୋଇଥିବା ବିଭିନ୍ନ ପିଠା, ଜଳଖିଆ ଓ ମିଷ୍ଟାନ୍ନ ଛାତ୍ରଛାତ୍ରୀମାନେ ବିକ୍ରି କରିଥିଲେ। ଏହାକୁ ଅତିଥି, ଅବିଭାବକ, ଶିକ୍ଷକ ଓ ଛାତ୍ରଛାତ୍ରୀ ଆଗ୍ରହର ସହିତ କ୍ରୟ କରିଥିଲେ। କାର୍ଯ୍ୟକ୍ରମରେ ଆଖପାଖ ସ୍କୁଲରୁ ବହୁ ଶିକ୍ଷକ ମଧ୍ୟ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ସ୍କୁଲର ସହକାରୀ ଶିକ୍ଷକ ଶେଷରେ ସମସ୍ତଙ୍କୁ ପୁଷ୍ଟିକର ଭୋଜନରେ ଆପ୍ୟାୟିତ କରାଯାଇଥିଲା।

## ପରିବେଶ ସଚେତନତା କାର୍ଯ୍ୟକ୍ରମ

ବରଗଡ଼,୧୮।୮(ସମିସ): ସ୍ୱାଧୀନତା ଦିବସ ଅବସରରେ ପଦ୍ମପୁର ନିକଟସ୍ଥ ଚାରପାଲି ପଞ୍ଚାୟତ ଅଧୀନ ହଲକାଦାଦର ଗାଁରେ 'ଶିଶୁ ଟିଏ ଗଛଟିଏ ଓ ବଞ୍ଚିବା ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପରିବେଶବିତ ମୀନକେତନ ସାହୁଙ୍କ ନେତୃତ୍ୱରେ ଏବଂ ପ୍ରକୃତିବନ୍ଧୁ ମହାଦେବ ପ୍ରଧାନଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ କେଦାରନାଥ ସାହୁ, ସମ୍ମାନିତ ଅତିଥି ଭାବେ ବ୍ୟାସଦେବ ବାରିକ, ବୀଣାପାଣି ବରଗର୍ତ୍ତୀ, ଟିକେଶ୍ୱର ପଧାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ମୀନକେତନ ସାହୁଙ୍କ ନେତୃତ୍ୱରେ ଡୁଙ୍ଗୁରିପାଲି ଏବଂ ଭାଲୁକନା ଗାଁରେ ମଧ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କୁ ଅଶୋକ ଚାରା ପ୍ରଦାନ କରାଯାଇ ଘର ବାଡିରେ ରୋପଣ ପାଇଁ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଓମପ୍ରକାଶ ଅଗ୍ରୱାଲ, ଭିତିଭୂମି ସେବା ସଂଗଠନର ସଦସ୍ୟ ବେଦବ୍ୟାସ ମହାନନ୍ଦ, ଝୁମୀ ମେହେର, ଦାଶରଥି ବାରିକ ପ୍ରମୁଖ ସହଯୋଗ କରିଥିଲେ।

**● ଏନ୍‌ଏସି ଅଧ୍ୟକ୍ଷଙ୍କ ଭିନ୍ନ ପ୍ରୟାସ**

## ୱାର୍ଡ ୱାର୍ଡ ବୁଲି ଶୁଣୁଛନ୍ତି ଅଭିଯୋଗ

ରେଢ଼ାଖୋଲ,୧୮।୮(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଏନ୍‌ଏସି ଅଧ୍ୟକ୍ଷ ଶିବରାମ ସାହୁଙ୍କ ପକ୍ଷରୁ ସହରର ସାଧାରଣ ଲୋକଙ୍କ ସମସ୍ୟା ଗୁଡ଼ିକ ସମାଧାନ କରିବା ପାଇଁ ଏକ ଭିନ୍ନ ପ୍ରୟାସ କରାଯାଇଛି। ସପ୍ତାହର ପ୍ରତ୍ୟେକ ସୋମବାର ଦିନ ଏନ୍‌ଏସି ଅଧ୍ୟକ୍ଷ ଶ୍ରୀ ସାହୁଙ୍କ ସମେତ ଅନ୍ୟ ଏନଏସି ପଦାଧିକାରୀ ମାନେ ୱାର୍ଡ ୱାର୍ଡ ବୁଲି ଅଭିଯୋଗ ଜନଶୁଣାଣୀ ଆରମ୍ଭ କରାଯାଇଛି। ସୋମବାର ଦିନ ୱାର୍ଡ ନଂ ୩ ଶିବଶଙ୍କରପଡ଼ା ସ୍ଥିତ ପରିଚୟ ଗୃହରେ ଅଭିଯୋଗ ଜନଶୁଣାଣିରେ ବିଭିନ୍ନ ପ୍ରକାର ସମସ୍ୟା ଯଥା ଡ୍ରେନେଜ୍, ଅଳିଆ ଆବର୍ଜନା, ଶିବ ମନ୍ଦିର ନିକଟରେ ଆବର୍ଜନା ସମସ୍ୟା, ଭୂମିହୀନ ପଟ୍ଟା, ଆବାସ ଯୋଜନା କାର୍ଯ୍ୟାଦେଶ ପ୍ରମୁଖ ସମେତ ଅନ୍ୟ ସମସ୍ୟା ଆସିଥିଲା। ଏଥିରେ ଶ୍ରୀ ସାହୁ କହିଥିଲେ ଯେ ସାଧାରଣଲୋକଙ୍କ ପାଖକୁ ଯାଇ ଅଭିଯୋଗ ଶୁଣିଲେ ବହୁ ସମସ୍ୟା ସମାଧାନ ହୋଇ ପାରିବ। ଶୁଣାଣିରେ ସହରବାସୀଙ୍କ ବ୍ୟକ୍ତିଗତ ସମସ୍ୟା ଏବଂ ସାମୂହିକ ସମସ୍ୟା ଗୁଡ଼ିକ ମଧ୍ୟରୁ ଛୋଟ ସମସ୍ୟା ଗୁଡ଼ିକ ସେ ସ୍ଥାନରେ ହିଁ ସମାଧାନ କରାଯାଉଛି। ଆଜି ପର୍ଯ୍ୟନ୍ତ ବ୍ୟକ୍ତିଗତ ଏବଂ ସାମୂହିକ ୧୫୦ ଟି ସମସ୍ୟା ମଧ୍ୟରୁ ପ୍ରାୟ ୮୦ ଟି ସମସ୍ୟା ସେ ସ୍ଥାନରେ ହିଁ ସମାଧାନ ହୋଇଯାଇଛି। ଏଥିରେ ଭତ୍ତା ପ୍ରଦାନ, ରାସନ କାର୍ଡ, ଜନ୍ମ ପ୍ରମାଣ ପତ୍ର ପ୍ରମୁଖ ଅନ୍ୟ ସମସ୍ୟା ଗୁଡ଼ିକୁ ସମାଧାନ କରାଯାଇଛି। ଯେଉଁ ସମସ୍ୟା ରହିଛି, ସେ ଗୁଡ଼ିକୁ ଯଥାଶୀଘ୍ର ସମାଧାନ କରାଯିବ ଏବଂ ଆମେ ଏହି ପ୍ରୟାସରେ ନିଶ୍ଚୟ ସଫଳ ହେବୁ, ଏଥିରେ ସହରବାସୀ ଉପକୃତ ହେବେ ବୋଲି ଶ୍ରୀ ସାହୁ ପ୍ରତିକ୍ରିୟା ଦେଇଥିଲେ। ଅଭିଯୋଗ ଶୁଣାଣିରେ ଅନ୍ୟମାନଙ୍କ ମଧ୍ୟରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରଞ୍ଜନ କୁମାର ମାର୍ଥା, ଉପାଧ୍ୟକ୍ଷ ଅନୁଷୟା ପ୍ରଧାନ, କାଉନସିଲର କୁମୁଦ ନାଥ ପ୍ରମୁଖ ସମେତ ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ।

## ୧୦୪ ବର୍ଷ ବୟସ୍କା ବୃଦ୍ଧାଙ୍କ ବିୟୋଗ

ରେଢ଼ାଖୋଲ,୧୮।୮(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍ ଲୁହାପଙ୍କ ପଞ୍ଚାୟତ ହେମାମୁରା ଗ୍ରାମରେ ନୃପତି ପ୍ରଧାନଙ୍କ ସୋମବାର ଦିନ ୧୦୪ ବର୍ଷରେ ମୃତ୍ୟୁ ବରଣ କରିଛନ୍ତି। ହେମାମୁରା ଗ୍ରାମର ତଥାକଥିତ ଜମିଦାର ହେମାମୁରା ଏବଂ ବୁଢିପାଣି ଗ୍ରାମର ପଧାନ ସର୍ଗତ ସନାତନ ପ୍ରଧାନଙ୍କ ସହଧର୍ମିଣୀ ଥିଲେ। ପୂର୍ବର ରାଜତନ୍ତ୍ର ର ସାକ୍ଷୀ ସ୍ୱରୂପା ଶ୍ରୀମତୀ ପ୍ରଧାନ କୁକୁଡ଼ାବାହାଲି ଗ୍ରାମର ଜମିଦାର ବୃଷଭ ପ୍ରଧାନଙ୍କ କନ୍ୟା ଅଛନ୍ତି। ଅଦ୍ୟାବଧି ତାଙ୍କର ଅନେକ ନାତି ନାତୁଣୀ ,ଅଣନାତି ଅଣ ନାତୁଣୀ ଜୀବିତ ଥାଇ ଯୌଥ ପରିବାର ଭାବରେ ରହି ଆସୁଛନ୍ତି।



## କୁଚିଣ୍ଡାରେ ଚାଷୀଙ୍କୁ ମିଳୁନି ସାର

କୁଚିଣ୍ଡା,୧୮।୮ (ସମିସ): କୁଚିଣ୍ଡା ଲାମ୍ପସ ଅଧିନରେ ଥିବା ସର୍ବମୋଟ ଚାଷୀ ସଂଖ୍ୟା ୩ହଜାର ୫ଶହ,ହେଲେ ଆଜି ପର୍ଯ୍ୟନ୍ତ କୁଚିଣ୍ଡାକୁ ଯୋଗାଣ ଭିନ୍ନ ଭିନ୍ନ ପର୍ଯ୍ୟାୟରେ ଆସିଛି ୧୮ ଶହ ପ୍ୟାକେଟ ୟୁରିଆ। ଏବେ ଚାଷୀ ୟୁରିଆ ବୁଣି ଧାନ ଗଛକୁ ବଢାଇବା ସହ ସତେଜ ରଖିବା ପାଇଁ ୟୁରିଆ ପ୍ରୟୋଗ କରିଥାଏ । ହେଲେ ଚାଷୀ ତାର ରୁଆ କେବେଠୁ ସରିଲାଣି ହେଲେ ଆଜି ପର୍ଯ୍ୟନ୍ତ ଅଞ୍ଚଳରେ ୟୁରିଆ ସାରର ଘୋର ଅଭାବ ଦେଖା ଦେଉଛି। ବହୁ ବିକ୍ରେତା ଚୋରା ଗୋଦାମରେ ସାର ରଖି ସରକାରୀ ଦର ୨ଶହ ୬୬ଟଙ୍କା ୫୦ ପଇସା ଥିବା ବେଳେ ଚାଷୀଙ୍କୁ ବୋକା ବନେଇ ସ୍ୱିକୃତିପ୍ରାପ୍ତ ଏଜେଣ୍ଟ ୫ଶହରୁ ୬ଶହ ଟଙ୍କା ପର୍ଯ୍ୟନ୍ତ ଲୁଟି ନେଉଛି। ସାର ଥାଇ ବି ସାରର ଅଭାବୀ ଦେଖାଉଛନ୍ତି। ପ୍ରଶାସନ ପକ୍ଷରୁ କିଛି ଦିନ ପୂର୍ବେ କୁଚିଣ୍ଡା ଉପଜିଲ୍ଲାପାଳ ତଥା ଉପଖଣ୍ଡ ମାଜିଷ୍ଟ୍ରେଟ ଆଇଏଏସ ସରୱନନ ବିଭିନ୍ନ ଜାଗା ଗ୍ରସ୍ତ କରି କିଛି ଗୋଦାମ ସିଲ୍ କରିଥିଲେ। କୁଚିଣ୍ଡା ପ୍ରଶାସନ ଚଢ଼ଉ କରି ଗୋଦାମ ଗୁଡାକ ସିଲ୍ ସାର କଳାବଜାର କରୁଥିବା ବ୍ୟବସାୟୀ ଓ ଡିଲର ହରଡ଼ ଘଣା ରେ ପଡି ଯାଆନ୍ତେ। ବର୍ଷା ଅଭାବରୁ ଲାଡମପାଲି ଅଞ୍ଚଳରେ ଜମି ଫାଟି ଆଁ କରିଥିବା ବେଳେ କିଛି ଅଞ୍ଚଳରେ ଧାନ ବିଲରେ ସାମାନ୍ୟ ପାଣି ଥିଲେ ୟୁରିଆ ଅଭାବରୁ ଧାନ ଗଛ ବଢି ପାରୁନାହିଁ। ତୁରନ୍ତ ଚାଷୀଙ୍କୁ ୟୁରିଆ ସାର ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହେଉଛି।

## କୁଚିଣ୍ଡା ଡାକ୍ତରଖାନାରେ ପଞ୍ଜୀକରଣ ପାଇଁ ଲମ୍ବା ଧାଡି

କୁଚିଣ୍ଡା,୧୮।୮(ସମିସ): କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନା ଉପରେ ଉପଖଣ୍ଡର ସବୁ ଅଂଚଳ ଏବଂ ପାଖ ପଡୋଶୀ ଜିଲ୍ଲାର କୁଚିଣ୍ଡା ଉପଖଣ୍ଡ ସୀମାନ୍ତବର୍ତ୍ତୀ ଗାଁରୁ ବହୁ ସଂଖ୍ୟକ ରୋଗୀ ପ୍ରତିଦିନ କୁଚିଣ୍ଡା ଡାକ୍ତରଖାନାକୁ ଉତ୍ତମ ଚିକିତ୍ସା ପାଇଁ ଆସିଥାନ୍ତି। ସେହି ଭରସାରେ କିଛି ଦିନ ହେବ ପଞ୍ଜୀକରଣ ପାଇଁ ବହୁ ଦୂର ଦୁରାନ୍ତରରୁ ଆସି ଚିକିତ୍ସା ଚିକିତ୍ସିତ ହେବା ପାଇଁ ପଞ୍ଜୀକରଣ ଟିକେଟ ନେଇ ଡାକ୍ତରଙ୍କ ପରାମର୍ଶ କରିଥାନ୍ତି। ପଞ୍ଜୀକରଣ ପାଇଁ ମଙ୍ଗଳବାର ନାହିଁ ନଥିବା ଭିଡ଼ ପରିଲକ୍ଷିତ ହୋଇଥିଲା। କେବଳ ଏହା ନୁହେଁ ଡାକ୍ତରଖାନା ତୁଳନାରେ ଅତ୍ୟଧିକ ରୋଗୀ ସଂଖ୍ୟା ପ୍ରବଳ ଭିଡ ସତ୍ତ୍ୱେ କିଛି ରୋଗୀ ଭର୍ତ୍ତି ବେଡ଼ ନପାଇ ଚଟାଣରେ ଶୋଇ ଚିକିତ୍ସିତ ହେବାକୁ ବାଧ ହେଉଛନ୍ତି। ପ୍ରତ୍ୟେକ ଦିନ ପ୍ରାୟ ୫/୬ ଶହରୁ ଅଧିକ ଚିକିତ୍ସା ପାଇଁ ଆସୁଛନ୍ତି। ଡାକ୍ତରଖାନାର ବେଡ଼ ସଂଖ୍ୟା ବଢାଇବା ଜରୁରୀ ହୋଇ ପଡୁଛି। ଉପଖଣ୍ଡ ପ୍ରଶାସନ ଏ ଦିଗରେ ଗୁରୁତ୍ୱ ଦେବାକୁ ଦାବି ହେଉଛି।

## ବିଲଡିଂ ମେଟେରିଆଲ୍ ସପ୍ଲାଏ ଆସୋସିଏସନର ରକ୍ତଦାନ ଶିବିର

ସମ୍ବଲପୁର,୧୮।୮(ସମିସ) : ସମ୍ବଲପୁର ବିଲଡିଂ ମେଟେରିଆଲ ସପ୍ଲାଏ ଆସୋସିଏସନ ପକ୍ଷରୁ କାଇଁଶୀରସ୍ଥିତ ସିଟି ପ୍ୟାଲେସରେ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ବଲପୁର, ବରଗଡ଼, କୁଚିଣ୍ଡା, ଝାରସୁଗୁଡା, ରେଙ୍ଗାଲି, ରେଢ଼ାଖୋଲ ସହ ଆଖପାଖ ଅଞ୍ଚଳରୁ ବହୁ ରକ୍ତଦାତା ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରିଥିଲେ। ମୋଟ ୧୨୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ରକ୍ତଦାତାଙ୍କୁ ଆସୋସିଏସନ ପକ୍ଷରୁ ମାନପତ୍ର ଦେଇ ରକ୍ତଦାତାଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ବଲପୁର ସଦର ରକ୍ତଭଣ୍ଡାର ଓ ବୁର୍ଲା ଭିମସାର ରକ୍ତଭଣ୍ଡାରରେ ରକ୍ତର ଘୋର ସଙ୍କଟ ଲାଗି ରହିଥିବାବେଳେ ଏନେଇ ରୋଗୀମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଏହି ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଶିବିର ପରିଚାଳନାରେ ଆସୋସିଏସନର ସଦସ୍ୟମାନେ ସହଯୋଗ କରିଥିଲେ।



## ଚୋରଙ୍କୁ କାବୁ କରି ଆଇନ ଜାଲରେ ଛନ୍ଦି ହେଲେ ଗ୍ରାମବାସୀ

ବରଗଡ଼,୧୮।୮(ସମିସ): ବରଗଡ଼ ଟାଉନ ଥାନା ଅଧୀନ ବରଡୋଲ ଗାଁରେ ରହିଥିବା ଶୈବପୀଠରୁ ବିଗ୍ରହ ଚୋରି ଘଟଣାରେ ୪ଜଣ ଚୋରଙ୍କୁ କାବୁ କରି ଗ୍ରାମବାସୀ ଆଇନ ଜାଲରେ ଛନ୍ଦି ହୋଇଛନ୍ତି। ବରଡୋଲ ଗାଁର ପୂର୍ଣ୍ଣିବନ୍ଧ ହିଡରେ ରହିଥିବା ଶୈବପୀଠ ଦୀର୍ଘ ୫୦ ବର୍ଷରୁ ଉର୍ଦ୍ଧ୍ୱ ହେଲା ଅର୍ଦ୍ଧ ନିର୍ମିତ ଅବସ୍ଥାରେ ରହିଥିଲା। ଗତ ଦୁଇବର୍ଷ ତଳେ ଅର୍ଥାତ ୨୦୨୩ ମସିହାରେ ଯୁବକ ମାନଙ୍କ ପ୍ରୟାସ ଓ ବରିଷ୍ଠଙ୍କ ସହଯୋଗରେ ଗ୍ରାମବାସୀ ଏକଜୁଟ ହୋଇ ପ୍ରତ୍ୟକ ଘରୁ ଚାନ୍ଦା ଆଦାୟ କରି ମନ୍ଦିରର ନିର୍ମାଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିଥିଲେ। ଇତି ମଧ୍ୟରେ ପିତ୍ତଳ ଓ ପଞ୍ଚାଧାତୁ ନିର୍ମିତ ବିଗ୍ରହ ଆଣି ମନ୍ଦିର ଗର୍ଭଗୃହରେ ବିରାଜମାନ କରିଥିଲେ। ଗତ ବୁଧବାର ମନ୍ଦିର ପୂଜକ ମିଥୁନ ମହାପାତ୍ର ପୂଜା କରିବା ପାଇଁ ମନ୍ଦିରକୁ ପହଁଞ୍ଚି ଦେଖିବାକୁ ପାଇଥିଲେ ଯେ ମନ୍ଦିର ମୁଖ୍ୟ ଦ୍ୱାରରେ ଲାଗିଥିବା ତାଲା ଭଙ୍ଗା ହୋଇଛି ଓ ଗର୍ଭଗୃହରେ ମହାଦେବ ଓ ପାର୍ବତୀଙ୍କ ପ୍ରତିମୂର୍ତ୍ତି ସମେତ ଏକ ସାଉଣ୍ଡ ସିଷ୍ଟମ ଗାଏବ ହୋଇଛି। ଚୋରି ହୋଇଥିବା ସନ୍ଦେହ କରି ପୂଜକ ଶ୍ରୀ ମହାପାତ୍ର ମନ୍ଦିର ପରିଚାଳନା କମିଟି ତଥା ଗ୍ରାମବାସୀଙ୍କୁ ସୂଚନା ଦେଇଥିଲେ। ଗ୍ରାମବାସୀ ମନ୍ଦିର ପରିସରକୁ ଆସି ବହୁ ଖୋଜାଖୋଜି କରିଥିଲେ। ପରେ ଖବର ପାଇ ସେହି ଗାଁର ଜଣେ ଯୁବକକୁ ଆଣି ପଚାରିଥିଲେ। ଉକ୍ତ ଯୁବକ ଜଣକ ଚୋରି କରିଥିବା ସ୍ୱୀକାର କରିବା ସହିତ ଗାଁର ଆହୁରି ୩ ଜଣ ଯୁବକ ସଂଶ୍ଳିଷ୍ଟ ଥିବା କହିଥିଲେ। ଉକ୍ତ ୩ ଜଣ ଯୁବକଙ୍କୁ ମନ୍ଦିର ପରିଚାଳନା କମିଟି ଡକାଇ ଗାଁ ମଝିରେ ଏକ ସଭା ହୋଇଥିଲା।



ତେବେ ଉକ୍ତ ଯୁବକ ମାନେ ସେମାନଙ୍କ ଉପରେ ମିଥ୍ୟା ଅଭିଯୋଗ ବୋଲି କହିବା ସହ ଅଭିଯୋଗକାରୀ ଯୁବକୁ ଆକ୍ରମଣ କରିଥିଲେ। ଗାଁରେ ପରିସ୍ଥିତି ଉତ୍ତେଜନା ପୂର୍ଣ୍ଣ ହେବାରୁ ଗ୍ରାମବାସୀ ପୁଲିସକୁ ଯୋଗାଯୋଗ କରି ଜିମା ଦେଇଥିଲେ। ସେହିଦିନ ରାତି ଚୋରି ଘଟଣାରେ ସମ୍ପୃକ୍ତ ୪ଜଣ ଅଭିଯୁକ୍ତଙ୍କ ପରିବାର ଲୋକେ ମନ୍ଦିର କମିଟି ପାଖକୁ ଚୋରି ବିଗ୍ରହ ବାବଦକୁ ସମସ୍ତ ଟଙ୍କା ଦେବାକୁ କହିବା ସହ ସେମାନଙ୍କ ପୁଅ ମାନଙ୍କୁ ଥାନାରୁ ଫେରାଇ ଆଣିବା ପାଇଁ ନେହୁରା ହୋଇଥିଲେ। ଉଭୟ ଅଭିଯୁକ୍ତ ଓ ଅଭିଯୋଗକାରୀ ଗାଁର ସ୍ଥାୟୀ ବାସିନ୍ଦା ହୋଇଥିବାରୁ ତଥା ଅଭିଯୁକ୍ତମାନଙ୍କୁ ଭଲ ମଣିଷ ହେବା ପାଇଁ ସୁଯୋଗ ଦେବା ପାଇଁ ଆପୋସ ବୁଝାମଣା ଲେଖି ସେମାନଙ୍କୁ ଗାଁକୁ ଫେରାଇ ଅଣାହୋଇଥିଲା। ହେଲେ ପରେ ଏହା ଗ୍ରାମବାସୀଙ୍କ ପାଇଁ କାଳ ସାଜିଥିଲା। ଗାଁକୁ ଫେରିଯିବା ପରେ ଦିନେ ଦୁଇଦିନ ପରେ ଅଭିଯୁକ୍ତ ଅଜୟ, ଅନିଲ, ଶୁଭମ ଓ କିଶୋର ପୁନଃ ଥାନାକୁ ଆସି ଗ୍ରାମବାସୀଙ୍କ ନାଁରେ ଜାତିଆଣ ମାମଲା ଦାଏର କରିଥିଲେ। ପୁଲିସ ଅଭିଯୋଗ ଭିତ୍ତିରେ ମାମଲା ରୁଜୁ କରି ତଦନ୍ତ ଆଳରେ ରାତିରେ ଗାଁକୁ ଯାଇଁ ପଇଁତରା ମାରୁଛି। ଆକୁ ତାକୁ ଡକାଇ ନାଁ ଲେଖି ଭୟଭୀତ ପରିବେଶ ସୃଷ୍ଟି କରିଛି। ଏଣୁ ଶନିବାର ବରଡୋଲ ଗାଁର ଶତାଧିକ ମହିଳା ପୁରୁଷ ବରଗଡ଼ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ତାଙ୍କର ଅନୁପସ୍ଥିତିରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷଙ୍କୁ ଦେଖା କରି ଘଟଣା ବିଷୟରେ ଅବଗତ କରାଇଥିଲେ। ସେମାନଙ୍କ ସଙ୍ଗରେ ଆଇନଜୀବି ଲିପସିତ ମିଶ୍ର, ଚାଷୀ ନେତା ରମେଶ ମହାପାତ୍ର, ବରଗଡ଼ ନାଗରିକ ମଞ୍ଚର ଭବାନୀ ମହାପାତ୍ର ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ। ପରବର୍ତ୍ତୀ ସମୟରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀଙ୍କୁ ଦେଖା କରିଥିଲେ। ବିଧାୟକ ଏସପିଙ୍କ ସହିତ ଫୋନରେ ବାର୍ତ୍ତାଳାପ କରି ଗ୍ରାମବାସୀଙ୍କୁ ଭୟଭୀତ ନହେବା ପାଇଁ ଆଶ୍ୱାସନା ଦେଇଥିଲେ। ନିରପେକ୍ଷ ତଦନ୍ତ କରାଯିବ, ବିନା ତଦନ୍ତରେ କାହାରିକୁ ମଧ୍ୟ ଗିରଫ କରାଯିବା ନାହିଁ ବୋଲି ବରଗଡ଼ ଏସ୍‌ପି ପ୍ରହ୍ଲାଦ ସହାୟ ମୀନା ପ୍ରତିଶ୍ରୁତି ଦେଇଥିଲେ। ତେବେ ଆଇନର ଆଶ୍ରୟ ନେଇ ଗ୍ରାମବାସୀ ଏବେ ଆଇନ ଜାଲରେ ଛନ୍ଦି ହୋଇଯାଇଥିବା ବରଗଡ଼ରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଛି।

## କମ୍ୟୁନିଷ୍ଟ ପାର୍ଟିର ସମ୍ବଲପୁର ଜିଲ୍ଲା ସମ୍ମିଳନୀ

ସମ୍ବଲପୁର, ୧୮।୮(ସମିସ): ଗ୍ରାମାଞ୍ଚଳରେ ଉନ୍ନୟନ ନାମରେ ହେଉଥିବା ବାଟମାରଣା ଓ ଠିକାଦାର ପୋଷଣ ନୀତିକୁ ତୁରନ୍ତ ବନ୍ଦ କରିବା, ଶୁଦ୍ଧ ପାନୀୟ ଜଳଯୋଗାଣ, ସ୍କୁଲ କଲେଜରେ ଖାଲିଥିବା ପଦବୀ ତୁରନ୍ତ ପୂରଣ, ବେକାର ଯୁବକ ଯୁବତୀଙ୍କୁ ନିଯୁକ୍ତି, ମହିଳା ସଶକ୍ତିକରଣ, ଆୟୁଷ୍ମାନ ଯୋଜନାରେ ଗୋଟିଏ ପରିଚୟପତ୍ରରେ ପରିବାରର ସମସ୍ତ ସଦସ୍ୟଙ୍କୁ ସାମିଲ କରିବା, ୩୦୦ ୟୁନିଟ୍ ପର୍ଯ୍ୟନ୍ତ ଦେୟ ଛାଡ଼ କରିବା, ଦଖଲ ଜମିର ସ୍ଥାୟୀ ପଟ୍ଟା ପ୍ରଦାନ ଆଦି ନେଇ କ୍ରମାଗତ ଭାବେ ଆନ୍ଦାଳନ କରାଯିବାକୁ ବରିଷ୍ଠ ନେତା ରବୀନ୍ଦ୍ର ମହାନ୍ତି ଆହ୍ୱାନ ଦେଇଥିଲେ। ଓଡ଼ିଶା ସାଂସ୍କୃତିକ ସମାଜଠାରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର ସମ୍ବଲପୁର ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମିତ୍ରଭାନୁ ପୋଢ଼, ନିରୋଦ ସିଂଦେଓ, ସନ୍ତୋଷ ଗର୍ଡିଆ ଓ ଅନୁରଣ ଖୁଣ୍ଟିଆଙ୍କୁ ନେଇ ଗଠିତ ସଭାପତିମଣ୍ଡଳୀ ଏହାକୁ ପରିଚାଳନା କରିଥିଲେ। ସିପିଆଇ ରାଜ୍ୟ ସମ୍ପାଦକ ଅଶୋକ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ଶ୍ରୀ ଦାସ ତାଙ୍କ ବକ୍ତବ୍ୟରେ



ଦେଶର ସ୍ୱାଧୀନତା ଆନ୍ଦୋଳନରେ ସିପିଆଇର ତ୍ୟାଗ, ବଳିଦାନ ଓ ସିପିଆଇ ନେତୃମଣ୍ଡଳିଙ୍କ ଅବଦାନ ବିଷୟରେ କହିଥିଲେ। ସମ୍ମାନିତ ଅତିଥି ଭାବେ ଶିବ ଶଙ୍କର ନନ୍ଦ ଯୋଗଦେଇ ସିପିଆଇର ଅତୀତ ଉପରେ ଆଲୋକପାତ କରି ବର୍ତ୍ତମାନ ଦଳୀୟ ଆଦର୍ଶର ପ୍ରାସଙ୍ଗିକତାକୁ ନେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବରିଷ୍ଠ ନେତା ଅଶୋକ ବିଶି ଦଳୀୟ ପତାକା ଉତ୍ତୋଳନ କରିଥିଲେ। କାର୍ଯ୍ୟକ୍ରମରେ ବର୍ତ୍ତମାନ ଦେଶ ଓ ରାଜ୍ୟର ରାଜନୈତିକ ସ୍ଥିତି ଉପରେ ଆଲୋଚନା କରାଯାଇ ବିଜେପି ସରକାରଙ୍କ ଜନବିରୋଧି ନୀତିକୁ ସମାଲୋଚନା କରାଯାଇଥିଲା। ଏଥିରେ ଅବିଭକ୍ତ ସମ୍ବଲପୁର ଜିଲାର ଦୟାନନ୍ଦ ଶତପଥୀ, ମାୟାଧର ପୁରୋହିତ, ପ୍ରସନ୍ନ କୁମାର ପଣ୍ଡା, ଲକ୍ଷ୍ମଣ ପୂଜାରୀ, ବଜ୍ରବାହୁ ଶତପଥୀ, ଇଶ୍ୱର ନାଏକ, ଲେଙ୍ଗୁ ମିଶ୍ର, ରାଧା ବଲ୍ଲଭ ମିଶ୍ର ପ୍ରମୁଖ ଦିବଙ୍ଗତ ସିପିଆଇ ନେତୃମଣ୍ଡଳୀଙ୍କ ସ୍ମୃତିଚାରଣ କରାଯାଇଥିଲା। ସମ୍ମିଳନୀରେ ସିପିଆଇର ନୂତନ କର୍ମକର୍ତ୍ତା ମନୋନୀତ କରାଯାଇଥିଲା। ଆସନ୍ତା ୧ ବର୍ଷ ପାଇଁ ସମ୍ପାଦକ ଭାବେ ସରୋଜନୀ ଆଚାର୍ଯ୍ୟ, ସହସମ୍ପାଦକ ଭାବେ ନିରୋଦ ସିଂଦେଓ, କୋଷାଧକ୍ଷ ଭାବେ ରବୀନ୍ଦ୍ର ମହାନ୍ତି ମନୋନୀତ ହୋଇଛନ୍ତି। ସେହିପରି ୧୭ ଜଣିଆ ପରିଷଦ ଓ ୭ ଜଣିଆ କାର୍ଯ୍ୟକାରୀ କମିଟି ଗଠନ ମଧ୍ୟ କରାଯାଇଥିଲା। ଆସନ୍ତ ସେପ୍ଟେମ୍ବର ୪ ତାରିଖରେ ଭୁବନେଶ୍ୱରଠାରେ ଦଳର ମହାସମାବେଶରେ ସମ୍ବଲପୁର ଜିଲ୍ଲାରୁ ବହୁସଂଖ୍ୟାରେ ଯୋଗଦେବାକୁ ଅନୁରୋଧ କରାଯାଇଥିଲା।

## ମହିଳା ମହାବିଦ୍ୟାଳୟ ଓ ଏନ୍‌ଏସ୍‌ସିବି କଲେଜରେ ଫାଇଲେରିଆ ଔଷଧ ସେବନ

ସମ୍ବଲପୁର, ୧୮।୮ (ସମିସ)

ସରକାରୀ ମହିଳା ମହାବିଦ୍ୟାଳୟର ଜାତୀୟ ସେବା ସଂସ୍ଥା ଏବଂ ଯୁବ ରେଡକ୍ରସର ସ୍ୱେଚ୍ଛାସେବୀ ଏବଂ କାର୍ଯ୍ୟକ୍ରମ ସଂଯୋଜକ ତଥା ଧନକଉଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡିକାଲ ଅଧିକାରୀ ଓ କର୍ମଚାରୀଙ୍କ ସହାୟତାରେ ଫାଇଲେରିଆ ନିରାକରଣ ଅଭିଯାନ ସମାହିତ ହୋଇଯାଇଛି କ୍ଷ ଅଧକ୍ଷା ପ୍ରଫେସର କଳ୍ପନା ମେହେରଙ୍କ ନେତୃତ୍?ରେ ଅଗଷ୍ଟ ୧୦ ରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ୧୮ ଅଗଷ୍ଟରେ ସମାପ୍ତ ହୋଇ ଯାଇଛି। ଫାଇଲେରିଆ ନିରାକରଣ ଔଷଧ ସେବନ ପାଇଁ ସ୍ୱେଚ୍ଛାସେବୀମାନଙ୍କୁ ମେଡିକାଲ ଅଧିକାରୀ ଡା. ଦିଲ୍ଲୀପ କୁମାର ମୁଦୁଲି, ଫର୍ମାସିଷ୍ଟ ସଂଜୀବ କୁମାର ପ୍ରଧାନ ଏବଂ ଯୋଗ ଶିକ୍ଷକ ଦିନି ନାୟକ ତାଲିମ ପ୍ରଦାନ କରିବା ସହିତ ସହାୟତା କରିଥିଲେ। ଜାତୀୟ ସେବା ସଂସ୍ଥାର ସଂଯୋଜକ ଡଃ ସନ୍ଧ୍ୟାମୟୀ ସାହୁ ଓ ଶ୍ୱେତଲାନା ତିର୍କି ଏବଂ ଯୁବ ରେଡକ୍ରସର ସଂଯୋଜକ ଡଃ ଦୀପକ କୁମାର ଓଝାଙ୍କ ସହାୟତାରେ ପ୍ରାୟ ୨୫୦୦ ଛାତ୍ରୀ ଫାଇଲେରିଆ ଔଷଧ ସେବନ କରିଥିଲେ। ୧୮ ଜଣ ସ୍ୱେଚ୍ଛା।ସେବୀ ଏହି କାର୍ଯ୍ୟକ୍ରମ ପାଇଁ ତାଲିମ ନେବାସହ ଔଷଧ ବିତରଣ ଓ ସେବନ କରାଇଥିଲେ। ସେହିପରି ନେତାଜୀ ସୁଭାଷ ଚନ୍ଦ୍ର ବୋଷ (ଏନ୍‌ଏସ୍‌ସିବି) ସରକାରୀ ମହାବିଦ୍ୟାଳୟ ପରିସରରେ ଏନ୍‌ଏସ୍‌ଏସ୍ ଓ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ସୋମବାର ଫାଇଲେରିଆ ସଚେତନତା କାର୍ଯ୍ୟକ୍ରମ ଭାରପ୍ରାପ୍ତ ଅଧକ୍ଷ ଡଃ ଶ୍ୟାମ ଭୋଇଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଫାଇଲେରିଆ ରୋଗ ଯେ କେତେ ମାତ୍ରାରେ ମାରାତ୍ମକ ଏବଂ ଏହାର ନିରାକରଣ ସଚେତନତା ଓ ପ୍ରାକ୍ ସାବଧାନତାଦ୍ୱାରା କରାଯାଇପାରିବ ବୋଲି ଅଧକ୍ଷ ଡ. ଭୋଇ କହିବାସହ ଛାତ୍ରଛାତ୍ରୀଙ୍କୁ ଔଷଧ ସେବନ ପାଇଁ ପ୍ରୋତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ କର୍ମଚାରୀ ଓ ଉପସ୍ଥିତ ଛାତ୍ରଛାତ୍ରୀ ଔଷଧ ସେବନ କରିଥିଲେ। ଏନ୍‌ଏସ୍‌ଏସ୍ ଅଧିକାରୀ ଅଧ୍ୟାପକ ସୁରେଶ ଏକ୍କା ଓ ଅଧ୍ୟାପିକା ମେଞ୍ଜା ପୂର୍ତ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛା।ସେବୀ ମାନେ ସହଯୋଗ କରିଥିଲେ।



